## ନକଲି ମଦ କାରଖାନା ଠାବ

ସୋର, (ଡି.ଏନ.ଏ.): ବାଲେଶ୍ୱର ଜିଲା ସୋର ଥାନା ଆଙ୍ଗୁଳାସ୍ଥିତ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ୟୁନିଟ୍-୨ ଦ୍ୱାରା ଚପରପଦାଠାରେ ଏକ ନକଲି ମଦ କାରଖାନା ଉପରେ ଚଡ଼ାଉ କରି ନକଲି ବିଦେଶୀ ମଦ ଏବଂ ଯନ୍ତ୍ରାଂଶ ଜବତ କରାଯାଇଛି। ଅବକାରୀ ଆଇଆଇସି ଜଗଦୀଶ ଚନ୍ଦ୍ର ସାମଲଙ୍କ ନେତୃତ୍ୱରେ ଏକ ୨୧ଜଣିଆ ଟିମ୍ ଚଡ଼ାଉ କରି ନକଲି ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ପ୍ରକାଶଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେହିପରି ବିଭିନ୍ନ ଢାବାରୁ ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇ ୪ଜଣଙ୍କୁ ଗିରଫ କରାଯାଇଛି।

# ପରିଣତ ବୟସରେ ପ୍ରେରଣାଦାତ୍ରୀ

ବାରିପଦା ଅଫିସ, ୨୧।୭

ପରିଣତ ବୟସରେ ଅବହେଳିତ ମହିଳାମାନଙ୍କୁ ସ୍ୱାବଲମ୍ବୀ କରି ଚର୍ଚ୍ଚିତ ହୋଇଛନ୍ତି ଜଣେ ମହିଳା। ଦୀର୍ଘ ବର୍ଷ ହେଲା ଗାଁ ଗାଁ ବୁଲି ମ୍ୟାଲେରିଆ ନିରାକରଣ, ମାତୃ ଶିଶୁ ମୃତ୍ୟୁହାର ରୋକିବା ଦିଗରେ ସଚେତନତା ବାର୍ତ୍ତା ବାଣ୍ଟି ଆସୁଛନ୍ତି। ଏଥିସହିତ ସରକାରଙ୍କର ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମରେ ସାମିଲ ହୋଇ ଏହାର ସଫଳ ରୂପାୟନ ଦିଗରେ କାର୍ଯ୍ୟ କରୁଛନ୍ତି । ଜିଲା ତଥା ରାଜ୍ୟସ୍ତରରେ ଜଣେ ସଫଳ ମହିଳା ଭାବେ ନିଜକୁ ପରିଚିତ କରାଇପାରିଛନ୍ତି। ଶତାଧିକ ମହିଳାଙ୍କ ପାଇଁ ପ୍ରେରଣାଦାତ୍ରୀ ସାଜିଥିବା ଏହି ମହିଳା ହେଲେ ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ବଡ଼ଖଲାଡ଼ି ଗ୍ରାମର ହେମଲତା ଶଙ୍ଖୁଆ। (୬୧)। ଦୁଇ ଦଶନ୍ଧି ଧରି ଏସ୍ଏଚ୍ଜି ପରିଚାଳନା, ଫଳ ଓ ପନିପରିବା ଚାଷ, ଆଚାର ତିଆରି, ଜିଆ ଖତ, କମ୍ପୋଷ୍ଟ ପ୍ରଭୃତି କ୍ଷେତ୍ରରେ ପ୍ରଶିକ୍ଷିତ ହୋଇ ଅନ୍ୟମାନଙ୍କୁ ତାଲିମ ପ୍ରଦାନ କରୁଛନ୍ତି। ନାବାର୍ଡ ପକ୍ଷରୁ



ମାନପତ୍ର ସହ ହେମଲତା।

## ବାଣ୍ଟୁଛନ୍ତି ସଚେତନତା ବାର୍ତ୍ତା

ଓଡ଼ିଶାର ବିଭିନ୍ନ ସ୍ଥାନରେ ଆୟୋଜିତ ମେଳାରେ ଆଦିବାସୀ ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ଜିନିଷର ବିକ୍ରିବଟା କରାଇ ସେମାନଙ୍କୁ ସ୍ୱାବଲମ୍ବୀ କରାଇପାରିଛନ୍ତି। ସେ କପ୍ତିପଦା ଫେଡେରେଶନର ସଭାପତି ହୋଇ ନାବାର୍ଡ ଏବଂ ମିଶନ ଶକ୍ତି ସହଯୋଗରେ ୩୭୦ରୁ ଊର୍ଦ୍ଧ୍ୱ ଏସ୍ଏଚଜିକୁ ପ୍ରୋତ୍ସାହିତ କରିଛନ୍ତି। ବିଶେଷକରି ମହିଳା ସଶକ୍ତିକରଣ କ୍ଷେତ୍ରରେ କାର୍ଯ୍ୟ କରିଥିବାରୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କଠାରୁ ଅନେକଥର ପୁରସ୍କୃତ ହୋଇଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ୨ଶହରୁ ଅଧିକ ମହିଳା ଛତୁ ଏବଂ ୪ଶହରୁ ଊର୍ଦ୍ଧ୍ୱ ପନିପରିବା ଚାଷରେ ନିୟୋଜିତ ଅଛନ୍ତି। ଏହି ସଫଳତା ପାଇଁ ମଙ୍ଗଳବାର ନାବାର୍ଡ ପକ୍ଷରୁ ରାଜ୍ୟପାଳଙ୍କ ଦ୍ୱାରା ତାଙ୍କୁ ପୁରସ୍କୃତ କରାଯାଇଛି। ଏନେଇ ସବୁ ମହଲରୁ ତାଙ୍କୁ ସ୍ୱାଗତ କରାଯାଇଛି।

# ଯାଦବ ମହାସଭାର ମିଶନ ପ୍ଲାଣ୍ଟେଶନ


ମିଶନ ପ୍ଲାଣ୍ଟେଶନ ଅବସରରେ ଯାଦବ ସଂଘର କର୍ମକର୍ତ୍ତା।

ଖଇରା, ୨୧।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ଉତ୍କଳ ଯାଦବ ମହାସଭା ଆନୁକୂଲ୍ୟରେ ମିଶନ ପ୍ଲାଣ୍ଟେଶନ ବାହୁଡ଼ା ଯାତ୍ରା ଅବସରରେ ଖଇରା ବ୍ଲକରୁ ଆରମ୍ଭ ହୋଇଛି । ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ମାଟିଆଳପଦା ସ୍କୁଲ ପରିସରରେ ଜିଲା ଯୁବ ସଭାପତି ଇଂ. ରାଜେଶ ମହାକୁଡ ଚାରାରୋପଣ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲା ସଂଯୋଜକ ଡ. ଅଭୟ କୁମାର ମହାନ୍ତି, ଜିଲା ଯୁବ ଉପସଭାପତି ଜଗନ୍ନାଥ ଦାସ, ସୋର ବ୍ଲକ ସଭାପତି ଅଜୟ ଲେଙ୍କା, ଖଇରା ବ୍ଲକ ସଭାପତି ଶଙ୍କର୍ଷଣ ବାରିକ, ଲମ୍ବୋଦର ବେହେରା, ଦିଗ୍ବିଜୟ ମହାକୁଡ, ସରୋଜ ମହାକୁଡ, ପର୍ଶୁରାମ ମହାକୁଡଙ୍କ ସମେତ ଯାଦବ ସଂଘର ଅନ୍ୟ କର୍ମକର୍ତ୍ତାମାନେ ଅତିଥି ଭାବେ ଯୋଗଦେଇ ଚାରାରୋପଣ କରିଥିଲେ। ଜିଲାର ସମସ୍ତ ବ୍ଲକରେ ଚାରାରୋପଣ କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ଇଂ. ମହାକୁଡ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ତଦନ୍ତରେ ଶିଥିଳତା ନେଇ ପ୍ରଶ୍ନ

ଖଇରା, ୨୧।୭(ଡି.ଏନ.ଏ.): ଏସିଏଫ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣାକୁ ୯ଦିନ ପୂରିବାକୁ ବସିଲାଣି । ପ୍ରଥମେ ପାରଳାଖେମୁଣ୍ଡି ପୋଲିସ ଓ ପରେ ସହଯୋଗ ପାଇଁ କ୍ରାଇମବ୍ରାଞ୍ଚ ତରଫରୁ ତଦନ୍ତ ପ୍ରକ୍ରିୟା ଚାଲୁ ରହିଛି । ନ୍ୟାୟ ଉପରେ ଭରସା ରଖିଆସୁଥିବା ପିତା ଅଭିରାମ ମହାପାତ୍ର ଏବେ ତଦନ୍ତ ପ୍ରକ୍ରିୟାରେ ଶିଥିଳତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ତଦନ୍ତରେ ସ୍ୱଚ୍ଛତା ପାଇଁ ସେ ପୋଲିସ ଡିଜି, ମୁଖ୍ୟ ବନସଂରକ୍ଷକଙ୍କୁ ଭୁବନେଶ୍ୱରରେ ଭେଟି ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସେହିଭଳି ସେଦିନ ଆମ୍ବୁଲାନ୍ସ ବିଳମ୍ବ କରାଇଥିବା ପୋଲିସ ଅଧିକାରୀଙ୍କୁ ଏପର୍ଯ୍ୟନ୍ତ ତଦନ୍ତ ପରିସରଭୁକ୍ତ କରାଯାଇନାହିଁ । ଚୁକ୍ତିନାମା, ଜମି ୱିଲ, ବିଦ୍ୟାଭାରତୀଙ୍କ ହାତ ଲେଖା ଚିଠି, ସୌମ୍ୟଙ୍କ ଡାଏରୀରୁ ମିଳିଥିବା ତଥ୍ୟ, ସୌମ୍ୟଙ୍କ ମୃତ୍ୟୁ ହୋଇଥିବା ରାତିରେ ଡିଏଫ୍ଓଙ୍କ କ୍ୱାର୍ଟର୍ସରେ ଭୋଜି, ନାଲି ପୁଟୁଳି ଏହିଭଳି ବହୁ ସୁରାକ ପୋଲିସକୁ ମିଳିସାରିଛି। ହେଲେ ଏ ପର୍ଯ୍ୟନ୍ତ ଜଣେ ହେଲେ କେହି ଗିରଫ ନ ହେବା ତାଙ୍କୁ ଆଶ୍ଚର୍ଯ୍ୟ କରିଛି । ତଥାପି ଆଇନ ଉପରେ ତାଙ୍କର ଯଥେଷ୍ଟ ଭରସା ଥିବା ସେ ପ୍ରକାଶ କରିଛନ୍ତି ।

### ସରପଞ୍ଚଙ୍କ ଧାରଣା ସ୍ଥଗିତ

ଭଣ୍ଡାରିପୋଖରୀ, ୨୧।୭ (ଡି.ଏନ.ଏ.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଫିସ୍ ସମ୍ମୁଖରେ ଗତ ଶୁକ୍ରବାରଠାରୁ ବକେୟା ଟିଏମସି (ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର) ପାଉଣା ଦାବିରେ ସରପଞ୍ଚମାନେ ଦେଇଥିବା ଧାରଣା ମଙ୍ଗଳବାରଠୁ ସ୍ଥଗିତ ରହିଛି। ସରପଞ୍ଚ ଜଗବନ୍ଧୁ ଦାସ, ବିଜୟ ଶଙ୍କର ମହାନ୍ତି, ବିଜୟ ସ୍ୱାଇଁ, ପ୍ରଶାନ୍ତ ସାହୁ, ମନୋଜ ନାୟକ, ସୁବାସ କାଣ୍ଡି, କମଳ କୁମାର ନନ୍ଦ, ମଣିକାଞ୍ଚନ ସେନାପତି, କୈଳାସ ଜେନା ଓ ଜୟନ୍ତୀ ବେହେରା ଧାରଣାରେ ବସିବା ସହ ପଞ୍ଚାୟତ ସମିତିକୁ ଅଚଳ କରିଦେବାକୁ ବିଡିଓଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏଥିନେଇ ତିନିଦିନ ସମୟ ଦିଆଯାଇ ଧାରଣା ସ୍ଥଗିତ ରଖାଯାଇଛି। ପାଉଣା ପୈଠ କରା ନ ଗଲେ ପଞ୍ଚାୟତ ସମିତିକୁ ଅଚଳ କରିଦେବେ ବୋଲି ଚେତାବନୀ ଦିଆଯାଇଛି।

### ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

ପଦ୍ମପୁର,୨୧।୭ (ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଆନ୍ଦୋଳା ପଞ୍ଚାୟତ ଖାଣ୍ଟଖୁଆଡ଼ର ଅନିତା ନାୟକ(୩୬) ବୁଧବାର ବିଷପିଇ ଆତ୍ମହତ୍ୟା କରିଛନ୍ତି। ସୂଚନା ଅନୁଯାୟୀ, ପାରିବାରିକ କଳହକୁ ନେଇ ସେ ପୂର୍ବାହ୍ନରେ ବିଷ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନାୟକାଣିଡିହୀ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ଅପମୃତ୍ୟୁ ମାମଲା(ନଂ.୨୦/୨୧) ରୁଜୁ କରିଛି।

### ୮୦ୟୁନିଟ୍ ରକ୍ତ ସଂଗ୍ରହ

ଖଇରା, ୨୧।୭(ଡି.ଏନ.ଏ.): ଓଡିଶା ମୋ ପରିବାର ଆନୁକୂଲ୍ୟରେ ବାଲେଶ୍ୱର ଜିଲା ଖଇରା ବ୍ଲକର ମହତୀପୁର ହାଇସ୍କୁଲ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏହାକୁ ଉଦ୍ଘାଟନ କରିଥିଲେ। ଜୀବନ ବିନ୍ଦୁ କାର୍ଯ୍ୟକ୍ରମର ସଂଯୋଜକ ପ୍ରହ୍ଲାଦ ପତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଶିବିରରେ ମୋଟ ୮୦ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିସହ ରକ୍ତଦାତାମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ନିବେଦିତା ପାଣିଗ୍ରାହୀ, ନିରଞ୍ଜନ ନାୟକ, ସରୋଜ ମହାପାତ୍ର, ରାକେଶ ଗଦାଧର ବରାଳ, ପୂର୍ଣ୍ଣଚନ୍ଦ୍ର ଗିରି, ଶୁକଦେବ ପଣ୍ଡା, ରମାକାନ୍ତ ମହାରଣା, କଟ ପାତ୍ର, ସରପଞ୍ଚ ସଞ୍ଜୟ କୁମାର ସେଠୀ, ସମିତିସଭ୍ୟ ଅଭିମନ୍ୟୁ ଶିଆଳ ଓ ବିଶ୍ୱଜିତ ରାଉଳ ପ୍ରମୁଖ ସହଯୋଗ କରିଥିଲେ।

### ପଞ୍ଚାୟତ ବିଜେଡି ସଭାପତିଙ୍କ ପରଲୋକ

ବନ୍ତ,୨୧।୭(ଡି.ଏନ.ଏ./ସ୍ୱ.ପ୍ର.): ଭଦ୍ରକ ଜିଲା ବନ୍ତ ବ୍ଲକ ଚାରିଗାଁ ପଞ୍ଚାୟତର ବିଜେଡି ସଭାପତି ତଥା ଅଣିଜୋ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁ(୬୧)ଙ୍କର ପରଲୋକ ହୋଇଯାଇଛି। ଗତ କିଛିଦିନ ଧରି ସେ କଟକ ବଡ଼ ଡାକ୍ତରଖାନାର କୋଭିଡ୍ ୱାର୍ଡରେ ଚିକିତ୍ସିତ ହେଉଥିଲେ। ଖବର ପାଇ ରାଜ୍ୟ ବିଜେଡି ସମ୍ପାଦକ ତଥା ଭଣ୍ଡାରିପୋଖରୀ ବିଧାୟକ ପ୍ରତିନିଧି ଇଂ.ପ୍ରୟାସକାନ୍ତି ସାମଲ ଡାକ୍ତରଖାନାରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।

# ନିରାଡ଼ମ୍ବରରେ ପାଳନ ହେଲା ଇଦ୍-ଉଜ୍-ଜୁହା

ଭଦ୍ରକ ଅଫିସ,୨୧।୭

ତ୍ୟାଗ ଓ ବଳିଦାନର ପର୍ବ ଇଦ୍-ଉଜ୍-ଜୁହା ବୁଧବାର ଭଦ୍ରକର ବିଭିନ୍ନ ମସ୍ଜିଦ୍ରେ କରୋନା କଟକଣା ମଧ୍ୟରେ ନିରାଡ଼ମ୍ବରରେ ପାଳିତ ହୋଇଯାଇଛି। ଭଦ୍ରକ ପୌରାଞ୍ଚଳ କଦମବେଡ଼ା ସ୍ଥିତ ଇଦ୍ଗାହା ଓ ପୁରୁଣାବଜାର ସ୍ଥିତ ଜାମା ମସ୍ଜିଦ୍ ସମେତ କୌଣସି ମସ୍ଜିଦରେ ସମବେତ ପ୍ରାର୍ଥନା ଦେଖିବାକୁ ମିଳି ନ ଥିଲା। ସ୍ଥାନୀୟ ମୌଲବୀଙ୍କ ସହ ୫ଜଣ ବ୍ୟକ୍ତି ପହଞ୍ଚି ନମାଜ ପାଠ କରିଥିଲେ। ପୁରୁଣାବଜାର ଜାମା ମସ୍ଜିଦରେ ସକାଳ ୮ଟା ୧୫ ଓ ଇଦ୍ଗାହା ମଇଦାନଠାରେ ୮ଟା ୩୦ରେ ନମାଜ ପାଠ ହୋଇଥିଲା। ସେହିପରି ଛଡ଼ାକ ମହଲା, କାଜି ମହଲା, ବଡ଼ ଶଙ୍କରପୁର, ସାନଶଙ୍କରପୁର, ମିର୍ଜାପୁର, ଅଲାଲପୁର, ଦୁର୍ଗାପୁର, ଶେଖସାହି, ନଙ୍ଗାମହଲା, ହଜାରୀନଗର, ସାହାପୁର, ଏଲଖା, ଚରମ୍ପା ସ୍ଥିତ ମସ୍ଜିଦରେ ମଧ୍ୟ ୮ଟା ୩୦ରେ ନମାଜ ପାଠ କରାଯାଇଥିଲା।


ଇଦ୍ଗାହାଠାରେ ନମାଜ ପାଠ।

# ବଳରାମ ଯୋଜନାରେ ୨ ଗୋଷ୍ଠୀଙ୍କୁ ଋଣ

ଭଣ୍ଡାରିପୋଖରୀ,୨୧।୭(ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ କୃଷି କାର୍ଯ୍ୟାଳୟ ପରିସରରେ ବଳରାମ ଯୋଜନାରେ ୨ କୃଷକ ଗୋଷ୍ଠୀଙ୍କୁ ଖରିଫ ଚାଷ ପାଇଁ ଋଣ ପ୍ରଦାନ କରାଯାଇଛି। ଭୂମିହୀନ ଓ ଭାଗ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାରେ ୨୦ଜଣ କୃଷକଙ୍କୁ ନେଇ ଏକ ଗୋଷ୍ଠୀ ଗଠନ କରାଯାଇଛି। ବ୍ଲକ କୃଷି ବିଭାଗ ସୁପାରିଶ କ୍ରମେ ଗୋଷ୍ଠୀଭୁକ୍ତ ପ୍ରତ୍ୟେକ କୃଷକଙ୍କୁ ୫ ହଜାର ଲେଖାଏ ଋଣ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ଭଣ୍ଡାରିପୋଖରୀ ଶାଖା ପକ୍ଷରୁ ମଞ୍ଜୁର ହୋଇଛି। ନଗୁଆଁ ପ୍ରାଥମିକ କୃଷି ସମବାୟ ସମିତି ଅଧୀନ ଦକ୍ଷିଣବାଡ଼ ପଞ୍ଚାୟତର ମା' ମଙ୍ଗଳା ଓ ବାବା ଶଙ୍କର ଗୋଷ୍ଠୀଙ୍କୁ ୧ ଲକ୍ଷ ଲେଖାଏ ଋଣ ପ୍ରଦାନ କରାଯାଇଛି। ବ୍ଲକ କୃଷି ଅଧିକାରୀ ଶ୍ରୀଧର ଦାସ, ବିବିସିସି ବ୍ୟାଙ୍କ ଶାଖା ପରିଚାଳକ ମାନସ ରଞ୍ଜନ ମହାପାତ୍ର, ସହପରିଚାଳକ ଧନୁର୍ଦ୍ଧର ସାହୁ, ବିପିଏମ୍ ମାନସ ରଞ୍ଜନ ମହାପାତ୍ର, ନଗୁଆଁ ସମିତି ସମ୍ପାଦକ ସୌମ୍ୟ ରଞ୍ଜନ ପଣ୍ଡାଙ୍କ ସହ କୃଷକ ସାଥୀ ଓ ଗ୍ରାମ୍ୟ କୃଷି କର୍ମଚାରୀ ଋଣ ପ୍ରଦାନ କରିଥିଲେ।

# ଡାକ୍ତର ନ ଥିବା ନେଇ ଉତ୍ତେଜନା

ପାଟଣା,୨୧।୭(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ଅପରାହ୍ନରେ ରୋଗୀ ସେବା ଯୋଗାଇ ଦେବାରେ ଡାକ୍ତରଙ୍କ ଅବହେଳା ଅଭିଯୋଗ କରି ଉତ୍ତେଜନା ପ୍ରକାଶ ପାଇଥିଲା। ୨ଟି ଦୁର୍ଘଟଣାଜନିତ ରୋଗୀ ଆସି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିବାବେଳେ ସେଠାରେ କୌଣସି ଡାକ୍ତର ନ ଥିବା ଦେଖି ରୋଗୀଙ୍କ ସମ୍ପର୍କୀୟମାନେ ଉତ୍ତେଜିତ ହୋଇଥିଲେ। ଡୁମୁରିଆର ଡାକ୍ତର ଭାନୁ ପ୍ରକାଶ ଆସି ବୁଝାଶୁଝା କରିବାପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଏନେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ଶୁଭେନ୍ଦୁ ସାଗର କୁମାର ନାଏକ କହିଛନ୍ତି, ସେ ଏବଂ ଆଉ ଜଣେ ଡାକ୍ତର ଭେଣ୍ଟିଲେଟର ଟ୍ରେନିଂ ପାଇଁ ରାଞ୍ଚି ସ୍ଥିତ କୋଭିଡ ହସ୍ପିଟାଲ ଯାଇଥିଲୁ। ଡିଏମ୍ଏଫ ଫଣ୍ଡରୁ ନିଯୁକ୍ତ ଥିବା ଦୁଇ ଡାକ୍ତରଙ୍କର ସେତେବେଳେ ଡ୍ୟୁଟି ଥିଲା। ଏହି ଦୁଇ ଡାକ୍ତରଙ୍କ ମଧ୍ୟରୁ ଜଣେ ଡ୍ୟୁଟି ସାରି ଘରକୁ ପଳାଇଥିବା କହିଥିବାବେଳେ ଆଉ ଜଣେ ଡାକ୍ତରଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।

# କୋଭିଡ୍ ଟିକା ନେଲେ ୨୫୬ ଗର୍ଭବତୀ

ପାଟଣା,୨୧।୭(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଗର୍ଭବତୀଙ୍କୁ ବୁଧବାର ୫ଟି କେନ୍ଦ୍ରରେ କୋଭିଡ ଟିକା ଦିଆଯାଇଛି। ପାଟଣା, ଡୁମୁରିଆ, ରାଜନଗର, କେନ୍ଦେଇପଶି ଓ ତୁରୁମୁଙ୍ଗା ଆଦି ଟିକାକରଣ କେନ୍ଦ୍ରରେ ମୋଟ ୨୫୬ ଗର୍ଭବତୀଙ୍କୁ ଭ୍ୟାକ୍ସିନ ଦିଆ ଯାଇଥିବା ବିପିଏମ ଦୀପକ କୁମାର ନାୟକ ପ୍ରକାଶ କରିଛନ୍ତି।

# 'କେନ୍ଦୁଝର ଏସ୍ଡିଜେଏମ୍ କୋର୍ଟ ଅଧୀନରେ ରହୁ କାଞ୍ଜିପାଣି, ନୟାକୋଟ ଥାନା'

କେନ୍ଦୁଝର, ୨୧।୭ (ସ୍ୱ.ପ୍ର./ଡି.ଏନ.ଏ.)

ଆଦିବାସୀ ଅଧ୍ୟୁଷିତ ବାଂଶପାଳ ବ୍ଲକ୍କୁ ତେଲକୋଇ ବ୍ଲକରେ ହେବାକୁ ଥିବା ପ୍ରସ୍ତାବିତ ସିଭିଲ ଜଜ ଜୁନିୟର ଡିଭିଜନ ଓ ଜେଏମଏଫସି କୋର୍ଟ ଅଧୀନରେ ନ ରଖିବାକୁ ଦାବି ହୋଇଛି । ଏହି କୋର୍ଟ ସ୍ଥାପନ ହେଲେ ଏହା ଅଧୀନରେ ତେଲକୋଇ ଥାନା ସମେତ ବାଂଶପାଳ ବ୍ଲକର କାଞ୍ଜିପାଣି ଓ ନୟାକୋଟ ଥାନା ରହିବ। ବଣଜଙ୍ଗଲ ଘେରା ଏହି ଥାନା ଅଞ୍ଚଳ ଦ୍ୱୟ ତେଲକୋଇ ମୁଖ୍ୟାଳୟଠାରୁ ବହୁ ଦୂରରେ ରହିଥିବାରୁ କୋର୍ଟ କାମରେ ଲୋକେ ଯିବାଆସିବା କରିବାରେ ଅସୁବିଧା ହେବ। ଅନେକ ଦୁର୍ଗମ ଅଞ୍ଚଳ ୭୦ କି.ମି.ରୁ ଅଧିକ ଦୂରରେ ରହିବା ସହ ସିଧାସଳଖ ଯାତାୟାତର ସୁବିଧା ନାହିଁ। କାଞ୍ଜିପାଣି ଥାନା ଅଞ୍ଚଳର ଜନ୍ତାରୀ, ତଳବୈତରଣୀ, କୋଡିପଶା ଆଦି ୨୦ ଗ୍ରାମର ଲୋକଙ୍କ ପାଇଁ ସିଧାସଳଖ ତେଲକୋଇକୁ ଯାତାୟାତର ସୁବିଧା ନାହିଁ। ଫଳରେ ତେଲକୋଇ ଯିବା ପାଇଁ ୯୦ କି.ମି. ବାଟ ଯିବାକୁ ପଡ଼ିବ। ଯାହାକି ସେମାନଙ୍କ ପକ୍ଷେ ଗୋଟିଏ ଦିନରେ ଯାତାୟାତ ସମ୍ଭବ ନୁହେଁ। ସେହିପରି ନୟାକୋଟ ଥାନା ଅଞ୍ଚଳର ଗ୍ରାମଗୁଡ଼ିକ ସିଧାସଳଖ ଯିବା ଆସିବାର ସୁବିଧା ନ ଥିବାରୁ ୫୦/୬୦ କି.ମି. ଦୂର କେନ୍ଦୁଝର ଯାଇ ସେଠାରୁ ତେଲକୋଇ ଯିବାକୁ ହେବ। ଅପରାହ୍ନରେ କୋର୍ଟ କାମ ସାରି ଫେରିବା ଆଦୌ ସମ୍ଭବ ନୁହେଁ। ଏଣୁ ବାଂଶପାଳ ବ୍ଲକର ଏହି ଦୁଇ ଥାନା ଅଞ୍ଚଳକୁ ତେଲକୋଇ ପରିବର୍ତ୍ତେ କେନ୍ଦୁଝର ଏସଡିଜେଏମ କୋର୍ଟ ଅଧୀନରେ ରଖାଗଲେ ଅଞ୍ଚଳବାସୀ ଉପକୃତ ହେବେ। ଏନେଇ ବାଂଶପାଳ ବ୍ଲକ ଅଧ୍ୟକ୍ଷଙ୍କ ସମେତ କଲଣ୍ଡା, ସିଂପୁର, ତଳକାଦକଳା, ନୟାକୋଟ, ତରମାକାନ୍ତ, ବାଁଶପାଳ ଆଦି ପଞ୍ଚାୟତର ସରପଞ୍ଚ ଓ ପଞ୍ଚାୟତ ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟ ତଥା ଗ୍ରାମବାସୀ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

# ବିଦ୍ୟାଳୟ ପରିସରରେ ଚାରାରୋପଣ

ଆରଡ଼ି, ୨୧।୭ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ହସନାବାଦ ପଞ୍ଚାୟତ ତଳଅସ୍ତକ ପ୍ରାଥମିକ ବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳରେ ପରିବେଶ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ଦାସ କହିଥିଲେ। ଧାମନଗର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ ନାୟକ ମୁଖ୍ୟ ଅତିଥି, ଆଞ୍ଚଳିକ ସାଧନ କର୍ମୀ ରୂପକ କୁମାର ମିଶ୍ର, ସରପଞ୍ଚଙ୍କ ପ୍ରତିନିଧି ଗୌତମ ନାୟକ, ଶିକ୍ଷାବିତ୍ ଜଗନ୍ନାଥ ମଲ୍ଲିକ, ପ୍ରଦୀପ୍ତ ବସନ୍ତିଆ ଓ ପ୍ରଫୁଲ୍ଲ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିସରରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅତିଥିମାନେ ବିଭିନ୍ନ ଚାରା ରୋପଣ କରିଥିଲେ।

# ସଡ଼କ ଦୁର୍ଘଟଣାରେ ଖବରକାଗଜ ବିତରକଙ୍କ ମୃତ୍ୟୁ

ବାଲେଶ୍ୱର ଅଫିସ, ୨୧।୭


ରାଜେନ୍ଦ୍ର ନାୟକଙ୍କ ଫାଇଲ୍ ଫଟୋ।

ବୁଧବାର ପୂର୍ବାହ୍ନରେ ସଡକ ଦୁର୍ଘଟଣା ଘଟି ବାଲେଶ୍ୱର ଜିଲା ସଦର ବ୍ଲକ ହଳଦୀପଦା ଫାଣ୍ଡି ଅଧୀନ ଦିଗିଦା ଗ୍ରାମର ଖବରକାଗଜ ବିତରକ ରାଜେନ୍ଦ୍ର ନାୟକ(୪୨)ଙ୍କ ମୃତ୍ୟୁ ଘଟିଛି। ରାଜେନ୍ଦ୍ର ରେଳଷ୍ଟେଶନସ୍ଥିତ ଖବରକାଗଜ ବିତରଣ କେନ୍ଦ୍ରରେ ପହଞ୍ଚି ବିଭିନ୍ନ ଖବରକାଗଜ ସଂଗ୍ରହ କରି ଘରକୁ ଘର ବିତରଣ ପାଇଁ ବାହାରିଥିଲେ। ସମସ୍ତ ଖବରକାଗଜ ବିତରଣ କରିସାରିବା ପରେ ଗାଁରେ ପହଞ୍ଚି ଶେଷ କାଗଜ ଦେବା ପରେ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ସମ୍ମୁଖପଟୁ ଆସୁଥିବା ଏକ ବାଲି ବୋଝେଇ ଟ୍ରାକ୍ଟର (ନଂ. ଓଡ଼ି୦୧ଏଜେ-୯୭୫୩)ର ଡାଲା ଅଜୟଙ୍କ ବାଇକ୍ରେ ପିଟି ହୋଇଯାଇଥିଲା। ଏଥିରେ ରାଜେନ୍ଦ୍ର ଡାଲା ଚକା ତଳେ ପଡ଼ିଯାଇଥିଲେ। ତାଙ୍କ ଅଣ୍ଟା ଉପରେ ଟ୍ରାକ୍ଟର ଡାଲା ଚଢ଼ିଯିବାରୁ ସେ ଗୁରୁତର ହୋଇ ଚିତ୍କାର କରିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଖବରପାଇ ସମସ୍ତ ଖବରଦାତା, ସମସ୍ତ ବିତରକ, ଗ୍ରାମବାସୀ ଓ ରାଜନେତା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ପହଞ୍ଚି ଘଟଣା ସମ୍ପର୍କରେ ଅବଗତ ହୋଇଥିଲେ। ତାଙ୍କ ମରଶରୀର ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ସଦର ଥାନାରେ ଏକ ଦୁର୍ଘଟଣା ମାମଲା (ନଂ. ୨୫୩/୨୧) ରୁଜୁ କରାଯାଇ ଟ୍ରାକ୍ଟର ଅଟକ ରଖାଯାଇ ତଦନ୍ତ ଜାରି ରହିଥିବାର ହଳଦୀପଦା ଫାଣ୍ଡି ଅଧିକାରୀ ବଦ୍ରିଶଙ୍କର ଷେଣ୍ଢ ପ୍ରକାଶ କରିଛନ୍ତି।

# ବିଷାକ୍ତ ଛତୁ ଖାଇ ୧୨ ଅସୁସ୍ଥ

ଆନନ୍ଦପୁର,୨୧।୭(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ହାଟଡିହୀ ବ୍ଲକ ବଞ୍ଚୋ ଗ୍ରାମରେ ବିଷାକ୍ତ ଛତୁ ଖାଇ ଦୁଇ ପରିବାରର ୧୨ ଜଣ ସଦସ୍ୟ ଅସୁସ୍ଥ ଥିବା ଜଣାପଡିଛି। ଅସୁସ୍ଥଙ୍କୁ ୧୦୮ ଆମ୍ବୁଲାନ୍ସ ସହାୟତାରେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗ୍ରାମର ଜଣେ ବ୍ୟକ୍ତିଙ୍କ ବାଡିରେ ହୋଇଥିବା ଛତୁକୁ ପଡୋଶୀ ପରିବାରର ଲୋକେ ନେଇ ଖାଇଥିଲେ। ଖାଇବାର କିଛି ଘଣ୍ଟା ପରେ ବାନ୍ତି କରିବା ସହ ପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତରଖାନା ସୂତ୍ରରୁ ସୂଚନା ମିଳିଛି।

# କେନ୍ଦୁଝରରେ ଏସ୍ଏନ୍ ମହାନ୍ତି-କିସ୍ ଆବାସିକ ବିଦ୍ୟାଳୟର ଭୂମିପୂଜନ

କେନ୍ଦୁଝର, ୨୧।୭ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲାରେ କିସ୍ର ନୂତନ ଶାଖା 'ଏସ୍ ଏନ୍ ମହାନ୍ତି-କିସ୍ର ଆବାସିକ ଆଦିବାସୀ ବିଦ୍ୟାଳୟର ଭୂମିପୂଜନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତ ଏସ୍ ଏନ୍ ମହାନ୍ତି ଗ୍ରୁପ୍କୁ କୃତଜ୍ଞତା ଜଣାଇବା ସହ ପ୍ରଥମ କରି ଜଣେ ଓଡ଼ିଆ କେନ୍ଦୁଝରଠାରେ କିସ୍ର ଶାଖା ପାଇଁ ସହଯୋଗର ହାତ ବଢ଼ାଇବା ନିମନ୍ତେ ସମ୍ମତି ପ୍ରଦାନ କରିଛନ୍ତି ବୋଲି କହିଥିଲେ। ଓଡ଼ିଶାର ୫ଟି ଜିଲାରେ କିସ୍ର ଶାଖା ଖୋଲିଛି। ଏହି ବିଦ୍ୟାଳୟରେ ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ କିସ୍-ଭୁବନେଶ୍ୱର ଢାଞ୍ଚାରେ ପିଲାଙ୍କୁ ସମ୍ପୂର୍ଣ୍ଣ ଆବାସିକ ଓ ବିନାଦେୟରେ ରଖାଯାଇ ପାଠ ପଢ଼ାଯିବ। ୨୦୨୨ ଜୁଲାଇ ମାସଠାରୁ କିସ-କେନ୍ଦୁଝର ଶାଖାରେ ଶିକ୍ଷାରମ୍ଭ କରାଯିବ। ଏସ୍ ଏନ୍ ମହାନ୍ତି ଗ୍ରୁପ୍ର ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି ନିଜ ପ୍ରତିକ୍ରିୟାରେ କହିଛନ୍ତି, କିସ୍ ଏକ ବିଶ୍ୱସ୍ତରର ଅନୁଷ୍ଠାନ। ବିଶ୍ୱରେ କିସ୍ ବେଶ୍ ନାଁ କମେଇ ଥିବା ବେଳେ ଏହା ଓଡ଼ିଶାର ଗର୍ବ ଓ ଗୌରବ। କାର୍ଯ୍ୟକ୍ରମରେ କେନ୍ଦୁଝର ସଦର ବିଧାୟକ ତଥା ବିରୋଧି ଦଳ ମୁଖ୍ୟ ସଚେତକ ମୋହନ ମାଝୀ, ଜିଲାପାଳ ଆଶିଷ ଠାକରେ, ଜିଲା ଆରକ୍ଷୀ ଅଧୀକ୍ଷକ ମିତ୍ରଭାନୁ ମହାପାତ୍ର, ଏସ୍ ଏନ୍ ମହାନ୍ତି ଗ୍ରୁପ୍ର ପରିଚାଳନା ନିର୍ଦ୍ଦେଶକ ପ୍ରବୋଧ ମହାନ୍ତି ଓ ନିର୍ଦ୍ଦେଶକ ପ୍ରଗତି କୁମାର ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟର କୁଳାଧିପତି ସତ୍ୟ ଏସ୍ ତ୍ରିପାଠୀଙ୍କ ସମେତ କେନ୍ଦୁଝରର ବହୁ ଜନଜାତି ନେତୃବର୍ଗ ଉପସ୍ଥିତ ଥିଲେ। ସଂପୂର୍ଣ୍ଣ କୋଭିଡ୍ କଟକଣା ମଧ୍ୟରେ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଆମରଣ ଅନଶନରେ ବସିଲେ ପମ୍ପ ଡ୍ରାଇଭର

ସିମୁଳିଆ, ୨୧।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକରେ କାର୍ଯ୍ୟରତ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ(ଆରଡବ୍ଲ୍ୟୁଏସ୍ଏସ୍)ର ଜଳଯୋଗାଣ କର୍ମଚାରୀ (ପମ୍ପ ଡ୍ରାଇଭର)ମାନଙ୍କୁ ଗତ ୬ବର୍ଷ ହେଲା ଦରମା ମିଳିନାହିଁ । ଏହାକୁ କେନ୍ଦ୍ର କରି ସିମୁଳିଆ ବ୍ଲକର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ୧୬ଜଣ ପମ୍ପ ଡ୍ରାଇଭରମାନେ ବୁଧବାର ନିଜ ପରିବାର ସହିତ ବ୍ଲକ କାର୍ଯ୍ୟାଳୟ ଫାଟକ ନିକଟରେ ଆମରଣ ଅନଶନରେ ବସିଛନ୍ତି। ଏଥର ପ୍ରତିଶ୍ରୁତି ନୁହେଁ ପୂର୍ଣ୍ଣ ଦରମା ନ ମିଳିବା ପର୍ଯ୍ୟନ୍ତ ଅନଶନ ଚାଲୁ ରହିବ ବୋଲି ପମ୍ପ ଡ୍ରାଇଭର ସଂଘ ସଭାପତି ହରେକୃଷ୍ଣ ଦାସ ଓ ସମ୍ପାଦକ ବିବେକାନନ୍ଦ ବିଶ୍ୱାଳ ସୂଚନା ଦେଇଛନ୍ତି । ଗତ୧୩।୯।୦୯ରୁ ୧୬ଜଣ ପମ୍ପ ଡ୍ରାଇଭର ବ୍ଲକର ବିଭିନ୍ନ ପଞ୍ଚାୟତରେ ପ୍ରତିଷ୍ଠିତ ଉଠା ଜଳସେଚନ ବିଭାଗରେ କାର୍ଯ୍ୟ କରି ଆସୁଥିଲେ। ଗତ ୨୦୦୯ରୁ ୨୦୧୫ପର୍ଯ୍ୟନ୍ତ ସେମାନଙ୍କୁ ଦରମା ମିଳିଥିଲା। ତେବେ ଗତ ୨୦୧୫ ପରଠାରୁ ବ୍ଲକ କର୍ତ୍ତୃପକ୍ଷ ସେମାନଙ୍କୁ କୌଣସି ଦରମା ପ୍ରଦାନ ନ କରି କେବଳ ପ୍ରତିଶ୍ରୁତି ଦେଇଆସୁଥିଲେ । ଏହାକୁ କେନ୍ଦ୍ର କରି ଗତ ୫।୪।୨୧ରେ ବ୍ଲକ ଫାଟକ ନିକଟରେ ଏହି ପମ୍ପ ଡ୍ରାଇଭରମାନେ ଅନଶନରେ ବସିଥିଲେ। ପରେ ପର୍ଯ୍ୟଟନ ମନ୍ତ୍ରୀ ତଥା ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଫୋନ ଯୋଗେ ଅନଶନକାରୀମାନଙ୍କ ସହିତ କଥା ହେବା ସହିତ ବ୍ଲକ ଅଧ୍ୟକ୍ଷା ଧରିତ୍ରୀ ମହାରଣାଙ୍କ ପ୍ରତିନିଧି ଧେଇମନ ମହାରଣା ଓ ବିଡିଓ ସୁଧୀର ସିଂ ପହଞ୍ଚି ଆଲୋଚନା କରିଥିଲେ। ୧ମାସ ମଧ୍ୟରେ ଏହାର ସମାଧାନ କରିବାର ପ୍ରତିଶ୍ରୁତି ଦେବା ପରେ ଅନଶନକାରୀମାନେ ଅନଶନରୁ ଓହରିଥିଲେ। ଅପରପକ୍ଷେ ଡ୍ରାଇଭର ସଂଘ ପକ୍ଷରୁ ହାଇକୋର୍ଟରେ ଦରମା ନ ମିଳିବା ସମ୍ପର୍କରେ ମାମଲା ପରିଚାଳିତ ହେବା ପରେ ଗତ ୧୪।୯।୨୦ରେ ଡବ୍ଲ୍ୟୁପି (ସି) ୨୩୭୪୧ ଅନୁଯାୟୀ ଏହି ଡ୍ରାଇଭରମାନଙ୍କୁ ଦରମା ଦିଆଯିବା ସମ୍ପର୍କରେ ନିର୍ଦ୍ଦେଶ ଦିଆଯାଇଥିଲେ ହେଁ ଅଦ୍ୟାବଧି ଏହା ସେମାନଙ୍କୁ ମିଳିନାହିଁ।



ସିମୁଳିଆ ବ୍ଲକ ଫାଟକ ନିକଟରେ ପରିବାର ସହିତ ଆମରଣ ଅନଶନରେ ବସିଛନ୍ତି ପାଣି ପମ୍ପ ଡ୍ରାଇଭର।

## ୬ବର୍ଷ ହେଲା ମିଳିନି ଦରମା

